# ବିପ୍ୱାତ ଏବଂ ମହାମାରୀ ପାଇଁ ସତର୍କତା ଓ ପ୍ରସ୍ତୁତି

## ମରୁଡ଼ି ହେବାର କାରଣ ଓ ମୁକାବିଲା କରିବାର ଉପାୟ

### ମରୁଡ଼ି ହେବାର କାରଣ:

- କୃଷି ପାଇଁ ଜଳର ଅଭାବ
- ଶୁଷ୍କ ଓ ଉତପ୍ତ ବାୟୁ ପ୍ରବାହ
- ଅନିୟମିତତା ବୃଷ୍ଟି
- ଜଳବାୟୁ ପରିବର୍ତ୍ତନ
- ଜଳ ସଂରକ୍ଷଣ ଅଭାବ







### ମରୁଡ଼ି ମୁକାବିଲା କରିବାର ଉପାୟ

- ଫସଲ ବଦଳାଇ ଭିନ୍ନ ଭିନ୍ନ ଫସଲ କରିବା
- ପର୍ଯ୍ୟାପ୍ତ ପରିମାଣର ବର୍ଷାଜଳ ସଂରକ୍ଷଣ
- ବୃକ୍ଷ ରୋପଣ ଓ ଜଙ୍ଗଲ ସୃଷ୍ଟି କରିବା
- ବୁନ୍ଦା ଜଳସେଚନର ବ୍ୟବହାର
- ଉପଯୁକ୍ତ ଜୈବ ପରିଚାଳନା
- ମରୁଡ଼ି ସହନଶୀଳ କୃଷିକୁ ଆପଣାଇବା





## ଜଙ୍ଗଲରେ ନିଆଁ ଲାଗିବାର କାରଣ, କୁପ୍ରଭାବ ଓ ସତର୍କତା

### ନିଆଁ ଲାଗିବାର କାରଣ:

ପ୍ରାକୃତିକ (ଶତକଡ଼ା ୧୦ ଭାଗ) ଏବଂ ମନୁଷ୍ୟକୃତ (ଶତକଡ଼ା ୯୦ ଭାଗ)





### ଜଙ୍ଗଲ ପୋଡ଼ିର କୁପ୍ରଭାବ

- ଜୈବ ବିବିଧତା କମିଯାଏ
- ପ୍ରାକୃତିକ ଜଳାଶୟର ଉତ୍ସ ଠିକ୍ ରହେ ନାହିଁ
- ମୃତ୍ତିକାର ଉର୍ବର ଶକ୍ତି କମିଯାଏ
- ଜଙ୍ଗଲ ଅଧିବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୁଏ
- ପରିବେଶ ସନ୍ତୁଳନରେ ପ୍ରଭାବ ପକାଏ



### ସତର୍କତା

- ଜଙ୍ଗଲରେ ଭୋଜି କରୁଥିଲେ, ଫେରିବା ସମୟରେ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଆସିବା
- ପୋଡୁଚଷ ବା କେନ୍ଦୁପତ୍ର ନିମିତ୍ତ ଜଙ୍ଗଲରେ ନିଆଁ ଲଗାଇବା ନାହିଁ
- ଜଙ୍ଗଲରେ ନିଆଁ ଦେଖିଲେ, ତୁରନ୍ତ ଲିଭାଇବାପାଇଁ ଚେଷ୍ଟା କରିବା
- ଆବଶ୍ୟକ ସ୍ଥଳେ ଅଗ୍ନିଶ୍ରମ ବାହିନୀକୁ ଯୋଗାଯୋଗ କରିବା

## ଜଳ, ପରିମଳ ଓ ସ୍ୱଚ୍ଛତା

### କେତେକ ଉପାୟ କିଛି ସତର୍କତା



ନିୟମିତ ବ୍ୟବଧାନରେ ହାତକୁ ସାବୁନରେ ଧୋଇଲେ, ଶ୍ୱାସ, ଝାଡ଼ାବାନ୍ତି ଏବଂ ବାହ୍ୟ ଜୀବାଣୁ ଜନିତ ରୋଗ ଭଳି ଅନେକ ରୋଗରୁ ମୁକ୍ତି ମିଳିଥାଏ ।



ମହିଳାମାନେ ମାସିକ ଋତୁସ୍ରାବ ସମୟରେ ସଫା ପ୍ୟାଡ୍ ବ୍ୟବହାର କରିବା ।



ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଅଳିଆଦାନୀ ବ୍ୟବହାର କରିବା ।



ମଶା, ମାଛି ବୃଦ୍ଧି ନ ହେବା ପାଇଁ ଘର ଚାରିପାଖ ସଫାସୁତୁରା ରଖିବା ।



ଗରମ ଓ ତଟକା ଖାଦ୍ୟ ଖାଇବା ।



ଗୃହପାଳିତ ପଶୁ, ପକ୍ଷୀମାନଙ୍କୁ ପୋଖରୀରେ ଗାଧୋଇବା ନାହିଁ, ତଦ୍ୱାରା ଆମେ ଜଳବାହିତ ରୋଗରୁ ଦୂରରେ ରହିପାରିବା ।

## କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ କେତେକ ପଦକ୍ଷେପ

### ଆମେ



ସାବୁନ୍‌ରେ ନିୟମିତ ହାତ ଧୋଇବା (ଅନ୍ୟୂନ ୨୦ ସେକେଣ୍ଡ)



ନିୟମିତ ମାସ୍କ ପିନ୍ଧିବା




ଶାରୀରିକ ଦୂରତ୍ୱ ରଖିବା (ଅନ୍ୟୂନ ୨ମିଟର)



ବାରମ୍ବାର ମୁହଁରେ ହାତ ମାରିବାନାହିଁ




ନିହାତି ଆବଶ୍ୟକତା ନଥିଲେ ବାହାରକୁ ବାହାରିବା ନାହିଁ

ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା

Supported by :

AWO International

german cooperation
DEUTSCHE ZUSAMMENARBEIT

Aktion Deutschland Hilft
Germany's Relief Coalition

MADHYAM FOUNDATION BHUBANESWAR

Developed by:
MADHYAM FOUNDATION
Bhubaneswar, Odisha.